# ୫ ବର୍ଷ ପରେ

୦୪/୧୦/୧୯୮୯

ସ୍ୱାତୀନକ୍ଷତ୍ରର ଦିନ ଆତ୍ମ ସମୀକ୍ଷା ଏବଂ ସଂକଳ୍ପର ଦିନ । ପୂର୍ବବର୍ଷମାନଙ୍କ ପରି ପୁଣି ଥରେ ଆଜି ଆମର ସେଇ ପୁରୁଣା ସଂକଳ୍ପକୁ ଦୋହରାଉଛୁ । ୫ ବର୍ଷ ତଳେ ଓଡ଼ିଶାରେ ସର୍ବାଧୁନିକ ମୁଦ୍ରଣ କୌଶଳର ପ୍ରବର୍ତ୍ତନ କରି ଏକ ପ୍ରଭାତୀ ଦୈନିକ ଭାବେ ସଦ୍ୟତମ ସମ୍ବାଦ ପରିବେଷଣ କରିବା, ଆଠପୃଷ୍ଠାରେ ସୀମିତ କଳେବର ଭିତରେ ସବୁ ବର୍ଗର ପାଠକମାନଙ୍କର ଚାହିଦାକୁ ଆଖି ଆଗରେ ରଖି ଏକ ସମ୍ପୂର୍ଣ୍ଣ ସମ୍ବାଦପତ୍ର ପ୍ରକାଶ କରିବାର ସଙ୍କଳ୍ପ ନେଇ 'ସମ୍ବାଦ' ଆତ୍ମପ୍ରକାଶ କରିଥିଲା, ନୂଆପାଠକ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଓଡ଼ିଶାର ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ଓଡ଼ିଆ ପାଠକମାନଙ୍କୁ ଆଉ ଟିକିଏ ଅଧିକ ସ୍ୱାଭିମାନୀ କରିବାକୁ ଉଦ୍ୟମ କରିଥିଲା ।

ଓଡ଼ିଶାରେ ପ୍ରଥମ ଥର ପାଇଁ ସର୍ବାଧୁନିକ ମୁଦ୍ରଣ କୌଶଳକୁ ଆପଣେଇବାର ସେହି ଦୁଃସାହସ ପାଇଁ ଏବେ ବି ଆମକୁ ମୂଲ୍ୟ ଦେବାକୁ ପଡୁଛି । ଏ ପ୍ରକାର ମୁଦ୍ରଣ କୌଶଳକୁ ଓଡ଼ିଶାରେ ବଞ୍ଚେଇ ରଖିବା ନିମନ୍ତେ ଯେଉଁ ଭିତ୍ତିଭୂମିର ଆବଶ୍ୟକତା ରହିଛି, ତା'ର ଅଭାବ ଯୋଗୁଁ ହିଁ ଆମେ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହୋଇଛୁ । ମାତ୍ର ଏସବୁ ସତ୍ତ୍ୱେ, ଆମର ପାଠକ ଓ ବିଜ୍ଞାପନଦାତାମାନେ ଯେ ଏହି ଆଧୁନିକ ମୁଦ୍ରଣ କୌଶଳର ପ୍ରଭାବକୁ ସ୍ୱୀକାର କରିଛନ୍ତି, ଏଥିପାଇଁ ଆମେ ଗର୍ବିତ ଏବଂ ଅନୁଗୃହୀତ ।

ସବୁ ବର୍ଗର ପାଠକମାନଙ୍କର ଚାହିଦାକୁ ଆଖି ଆଗରେ ରଖି ପ୍ରକାଶିତ ଏକ ଭିନ୍ନସ୍ୱାଦର ପ୍ରଭାତୀ ଦୈନିକ ଭାବେ 'ସମ୍ବାଦ' ଆଜି ଓଡ଼ିଶାରେ ସର୍ବତ୍ର ଗ୍ରହଣୀୟ ହୋଇଛି । ଏ କ୍ଷେତ୍ରରେ ଆମର ପ୍ରଭାବ ବୃଦ୍ଧି କେବଳ ଆମର କ୍ରମବର୍ଦ୍ଧମାନ ପ୍ରସାରଣ ସଂଖ୍ୟାରେ ସୀମିତ ହୋଇ ରହିନାହିଁ, ବରଂ ଆମର ସୁଯୋଗ୍ୟ ପ୍ରତିଦ୍ୱନ୍ଦ୍ୱୀ ପ୍ରକାଶକ ଏବଂ ସମ୍ପାଦକମାନେ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୋଇ ଆମକୁ ଅନୁସରଣ ଓ ଅନୁକରଣ କରୁଛନ୍ତି । ଏହା ଆମ ପାଇଁ ଯେଉଁଳି ଗର୍ବ ଏବଂ ଗୌରବର ବିଷୟ, ଓଡ଼ିଶାର ପାଠକମାନଙ୍କ ପାଇଁ ସେହିପରି ଏକ ଆନନ୍ଦର ବିଷୟ ।

'ସମ୍ବାଦ'ର ସମ୍ପାଦକୀୟ ନୀତି ମୂଳରୁ ସ୍ପଷ୍ଟ ରହି ଆସିଅଛି । ଅନେକ ହୁଏତ ଭିନ୍ନ ଭିନ୍ନ କାରଣରୁ ଆମର ପ୍ରଭାବ ଓ ଲୋକପ୍ରିୟତାକୁ ଗ୍ରହଣ କରି ନ ପାରି ଆମର ନୀତିର ଅର୍ଥକୁ କଦର୍ଥ କରିବାକୁ ଚେଷ୍ଟା କରିଛନ୍ତି ଓ କରୁଛନ୍ତି ମଧ୍ୟ । ମୋର ବ୍ୟକ୍ତିଗତ ସମ୍ପର୍କ ଏବଂ 'ସମ୍ବାଦ'ର ସମ୍ପାଦକୀୟ ନୀତି ଯେ, ପରସ୍ପର ନିର୍ଭରଶୀଳ ନୁହନ୍ତି ଏହାର ବହୁପ୍ରମାଣ ଗତ ୫ ବର୍ଷ ମଧ୍ୟରେ ଆମେ ଦେଇଛୁ । କିନ୍ତୁ କେଜାଣି କାହିଁକି ଆମର କିଛି ପ୍ରତିଦ୍ୱନ୍ଦ୍ୱୀ ଏହାକୁ ବୁଝି ନବୁଝିଲାପରି ହେଉଛନ୍ତି ଏବଂ ସାମାନ୍ୟତମ ବୃତ୍ତିଗତ ଶାଳୀନତା ରକ୍ଷା କରିବାକୁ ମଧ୍ୟ ଉଚିତ ମନେ କରୁନାହାନ୍ତି ।

'ସମ୍ବାଦ' ସବୁବେଳେ ଓଡ଼ିଶାର ସମୂହ ସ୍ୱାର୍ଥ ଓ ସ୍ୱାଭିମାନକୁ ଅଗ୍ରାଧିକାର ଦେବା ଦିଗରେ ଜୋର୍ ଦେଇ ଆସିଛି ଓ ଆଜି ମଧ୍ୟ ତା'ର ସେ ସଙ୍କଳ୍ପର ପୁନରାବୃତ୍ତି କରୁଛି । 'ସମ୍ବାଦ' କେବେହେଲେ ନିଜକୁ ନିରପେକ୍ଷ ବୋଲି ଦାବୀ କରିନାହିଁ । 'ସମ୍ବାଦ'ର ସମ୍ପାଦକୀୟ ନୀତିରେ ନିରପେକ୍ଷତାର ଅବକାଶ ନାହିଁ । କାରଣ ଓଡ଼ିଶାର ସ୍ୱାର୍ଥ ଓ ସ୍ୱାଭିମାନର ସୁରକ୍ଷା ପାଇଁ ସେ ମୂଳରୁ ହିଁ ପକ୍ଷଭୁକ୍ତ । ବରଂ ସମ୍ବାଦପତ୍ରମାନେ ଆଜି ନିଜନିଜକୁ ନିରପେକ୍ଷ, ନିର୍ଭୀକ ଏବଂ ସ୍ୱାଧୀନ ବୋଲି ଦାବୀ କରିବା ଏକ ଔପଚାରିକ ସ୍ଲୋଗାନ୍‌ରେ ପରିଣତ ହେଲାଣି । ଅନ୍ୟାନ୍ୟ ବ୍ୟବସାୟ ପରି ସମ୍ବାଦପତ୍ର ବ୍ୟବସାୟ ଆଜି ଏତେ ପରିମାଣରେ ପୁଞ୍ଜି, କାରିଗରୀ କୌଶଳ ଏବଂ ବିଜ୍ଞାପନ ଉପରେ ନିର୍ଭରଶୀଳ ହୋଇପଡ଼ିଛି ଯେ ଏସବୁ ନିର୍ଭରଶୀଳତାରୁ ସମ୍ପୂର୍ଣ୍ଣ ମୁକ୍ତ ନ ହେବା ପର୍ଯ୍ୟନ୍ତ ନିଜକୁ 'ସ୍ୱାଧୀନ' ବୋଲି ଦାବୀ କରିବା କେବଳ ଆସ୍ଫାଳନ ମାତ୍ର । ନିକଟ ଅତୀତରେ ନିଉଜପ୍ରିଣ୍ଟ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ମୁଦ୍ରଣ ସାମଗ୍ରୀର ମାତ୍ରାଧିକ ମୂଲ୍ୟବୃଦ୍ଧି ଏ ପ୍ରକାର ନିର୍ଭରଶୀଳତାକୁ ଆଉରି ଅଧିକ ବଢ଼େଇ ଦେଇଛି । ସମ୍ବାଦପତ୍ରର ମାଲିକମାନେ ନିଜର ସ୍ୱାର୍ଥପାଇଁ କାଗଜଗୁଡ଼ିକୁ ବ୍ୟବହାର କରିବାରେ ଲାଗିଛନ୍ତି । ଅଧା ସତକୁ ଅଧା ମିଛ ଯୋଡ଼ି ସମ୍ବାଦ ପରିବେଷଣ କରିବା ଏବେ ଏକ ନୂଆ ଫର୍ମୁଲା ହୋଇପଡ଼ିଛି । ଏହା ଏପରିଭାବେ ଆମ ସମସ୍ତଙ୍କୁ ଗ୍ରାସ କରିବାରେ ଲାଗିଛି ଯେ ଯେଉଁ କେତେଜଣ ପ୍ରକାଶକ ଓ ସମ୍ପାଦକ ସତ୍ୟନିଷ୍ଠ ଥାଉଛନ୍ତି, ସେମାନଙ୍କ ପାଇଁ ପାଠକମହଲରେ ଏକ ବିଶ୍ୱାସର ସଙ୍କଟ ସୃଷ୍ଟି ହୋଇଛି । ସତ୍ୟ ପରିବର୍ତ୍ତେ ସ୍ୱାର୍ଥ ହୋଇପଡ଼ିଛି ସମ୍ବାଦପତ୍ର ମାଲିକମାନଙ୍କର ଏକମାତ୍ର ନୀତି । ଏ ପରିସ୍ଥିତିରେ ସମ୍ପାଦକ ଓ ସାମ୍ବାଦିକମାନେ ଆତ୍ମଗ୍ଳାନିକୁ ଘୋଡ଼େଇବା ପାଇଁ ନିରପେକ୍ଷତା, ନିର୍ଭୀକତା ଓ ସ୍ୱାଧୀନତା ପାଇଁ ସ୍ୱର ଉତ୍ତୋଳନ କରୁଛନ୍ତି ସିନା, ପ୍ରକୃତପକ୍ଷେ ଏସବୁର କୌଣସି ଅର୍ଥ ନାହିଁ ।

ତେବେ ମାଲିକ ଓ ସମ୍ପାଦକର ସମ୍ପର୍କକୁ ନେଇ ନିକଟ ଅତୀତରେ ବହୁ ବାଦବିସମ୍ବାଦ ସୃଷ୍ଟି ହୋଇଛି । ଏ ସମ୍ପର୍କର ପ୍ରକୃତ ମୂଲ୍ୟାୟନ ପାଇଁ ଏକ ଗ୍ରହଣଯୋଗ୍ୟ ମାନଦଣ୍ଡ ଏପର୍ଯ୍ୟନ୍ତ ତିଆରି ହୋଇପାରିନାହିଁ । କିନ୍ତୁ ଏହା ଯେ ଏକାନ୍ତ ଆବଶ୍ୟକ ହୋଇପଡ଼ିଛି ଏକଥା ଉଭୟ ମାଲିକ ଓ ସମ୍ପାଦକ ନିଶ୍ଚିତଭାବେ ସ୍ୱୀକାର କରିବେ । ଏ ସମସ୍ୟା ଓଡ଼ିଶା ପାଇଁ ଏକ ସ୍ୱତନ୍ତ୍ର ମହତ୍ତ୍ୱ ରଖେ । କାରଣ ଓଡ଼ିଶାର ଅଧିକାଂଶ ସମ୍ବାଦପତ୍ରର ସମ୍ପାଦକ ନିଜେ ମାଲିକ ହୋଇଥିବାରୁ ବା ମାଲିକାନାରେ ନିଜସ୍ୱ ନିୟନ୍ତ୍ରଣ ଥିବାରୁ ନିଜକୁ ନିଜେ ନିଯୁକ୍ତି ଦେଇଛନ୍ତି । ଏହା ମାଲିକ ସମ୍ପାଦକର ଦ୍ୱନ୍ଦ୍ୱାତ୍ମକ ସମ୍ପର୍କକୁ ଗୋଟିଏ ଦୃଷ୍ଟିରୁ ଏଡ଼ାଇ ପାରିଥିଲେ ମଧ୍ୟ ସାମ୍ବାଦିକତାରେ ଉଚ୍ଚ ପରମ୍ପରା, ମହତ ଆକାଂକ୍ଷା ଏବଂ ବୃତ୍ତିଗତ କୌଳିନ୍ୟ ପାଇଁ ଅନୁକୂଳ ନୁହେଁ । ପୁଣି ଅଧିକାଂଶ ମାଲିକ-ସମ୍ପାଦକ ରାଜନୈତିକ ଉଚ୍ଚାକାଂକ୍ଷା ପୋଷଣ କରୁଥିବା ଦୃଷ୍ଟିରୁ ଏ ବୃତ୍ତିଗତ କୌଳିନ୍ୟ ଆଉରି ସଙ୍କୁଚିତ ହୋଇପଡ଼ିଛି । ଏହି କାରଣରୁ ମୁଁ ବ୍ୟକ୍ତିଗତ ଭାବେ 'ସମ୍ବାଦ'ର ସମ୍ପାଦନା ଦାୟିତ୍ୱରୁ ଅବ୍ୟାହତି ନେବାପାଇଁ ଉଚିତ ମନେକରୁଛି । ଆଶା କରୁଛି, ମୋର ତରୁଣ ଏବଂ ସ୍ୱାଭିମାନୀ ସହଯୋଗୀମାନେ ଏ ଦ୍ୱନ୍ଦ୍ୱରେ ନପଡ଼ି ଓଡ଼ିଶାର ସ୍ୱାର୍ଥ ଏବଂ ସ୍ୱାଭିମାନକୁ ରକ୍ଷା କରିବା ସଙ୍ଗେ ସଙ୍ଗେ ନିଜର ବୃତ୍ତିଗତ ସମ୍ମାନ ପ୍ରତିଷ୍ଠା ପାଇଁ ସେମାନଙ୍କର ଉଦ୍ୟମ ଅବ୍ୟାହତ ରଖିବେ । ଏହାହିଁ ସ୍ୱାତୀନକ୍ଷତ୍ରରେ ମୋର ଆନ୍ତରିକ ଆଶା ଏବଂ ବିଶ୍ୱାସ ।

ସୌମ୍ୟରଞ୍ଜନ ପଟ୍ଟନାୟକ